**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**18 July - 2024**

**News Editor : *Itishree Singh Rathaur***

## ରତ୍ନଭଣ୍ଡାର

ପୁରୀ ଶ୍ରୀମନ୍ଦିରରେ ଭିତର ରତ୍ନଭଣ୍ଡାର ଆଜି ଖୋଲାଯିବ। ଏଥିପାଇଁ ଶ୍ରଦ୍ଧାଳୁମାନଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ୧୧ଜଣିଆ କମିଟି ଆଜି ଶ୍ରୀମନ୍ଦିର ଭିତରକୁ ଶୁଭ ମୁହୂର୍ତ୍ତରେ ପ୍ରବେଶ କରି ରତ୍ନ ଭଣ୍ଡାର ଅନୁଧ୍ୟାନ କରିବେ ବୋଲି କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ସୂଚନା ଦେଇଛନ୍ତି ।

ଏ ସମ୍ପର୍କରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଭିତର ରତ୍ନଭଣ୍ଡାର ଖୋଲାଯିବା ପରେ ସିନ୍ଧୁକ, ଆଲମିରାରୁ ଅଳଙ୍କାରକୁ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯିବ। ଏହାପରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ)କୁ ଭଣ୍ଡାର ଗୃହ ମରାମତି ପାଇଁ ଅନୁମତି ଦିଆଯିବ। ଅଳଙ୍କାର ଗୁଡିକ ନୂଆ ସିନ୍ଧୁକରେ ରଖାଯିବ। ଆବଶ୍ୟକ ପଡିଲେ ମହାପ୍ରଭୁଙ୍କ ନୂଆ ଅଳଙ୍କାର ନିର୍ମାଣ କରାଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ସୁରକ୍ଷା ଦୃଷ୍ଟିରୁ କେବଳ ଅଧୀକୃତ ବ୍ୟକ୍ତିମାନେ ସିଂହଦ୍ୱାର ଦେଇ ପ୍ରବେଶ କରିବେ। ଅନ୍ୟ ତିନି ଦ୍ୱାର ଆଜି ବନ୍ଦ ରହିବ।

ଅନ୍ୟପକ୍ଷରେ ଭକ୍ତମାନେ ରଥାରୁଢ଼ ଠାକୁରଙ୍କୁ ଦର୍ଶନ କରିପାରିବେ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

## ଅଧରପଣା

ଶ୍ରୀକ୍ଷେତ୍ରରେ ଆଜି ଦ୍ୱାଦଶୀ ତିଥିରେ ରଥାରୁଢ଼ ଠାକୁରଙ୍କ ଅଧରପଣା ଭୋଗ ଲାଗିବ । ମଧ୍ୟାହ୍ନ ଧୂପନୀତି ଶେଷ ହେବା ପରେ ଅଧର ଚୁମ୍ବିତ ହାଣ୍ଡିରେ ରଥ ଉପରେ ମହାପ୍ରଭୁଙ୍କୁ ସ୍ୱତନ୍ତ୍ର ପଣାଭୋଗ କରାଯିବା ସହ ଏହାକୁ ଭଙ୍ଗାଯିବାର ବିଧି ରହିଛି । ଅଧରପଣା ନୀତିକୁ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ।

ଅପରପକ୍ଷରେ ଗତକାଲି ରଥାରୁଢ଼ ମହାପ୍ରଭୁ ଶ୍ରଦ୍ଧାଳୁମାନଙ୍କୁ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଇଛନ୍ତି । ଆସନ୍ତାକାଲି ନୀଳାଦ୍ରିବିଜେ ନୀତି ଅନୁଷ୍ଠିତ ହେବ ।

## ନୂଆଦିଲ୍ଲୀ-ବୈଠକ

ନୂଆଦିଲ୍ଲୀରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଓ ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଇଉକେ ବିଭାଗର ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ବୈଠକରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି ଯୋଜନା, ପିଏମ୍ ଜନମନ, ପିଏମ୍ ଆଦି ଆଦର୍ଶ ଗ୍ରାମ ଯୋଜନା, ଏକଲବ୍ୟ ଆଦର୍ଶ ଆବାସିକ

ବିଦ୍ୟାଳୟ ଆଦି କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା ।

# ମନ୍ତ୍ରୀ ପରିଷଦ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ପରିଷଦ ବୈଠକ ଆଜି ସକାଳ ସାଢ଼େ ୯ଟାରେ ଅନୁଷ୍ଠିତ ହେବ । ଆସନ୍ତା ୨୨ ତାରିଖରୁ ବିଧାନସଭାର ବଜେଟ୍ ଅଧିବେଶନ ପୂର୍ବରୁ ମନ୍ତ୍ରୀ ପରିଷଦ ବୈଠକରେ ଚିଠା ବଜେଟ୍‌କୁ ଅନୁମୋଦନ କରାଯିବ ବୋଲି ଜଣାପଡିଛି । ଏହି ବୈଠକରେ ସମସ୍ତ ମନ୍ତ୍ରୀ ଉପସ୍ଥିତ ରହିବେ । ଆସନ୍ତା ୨୫ ତାରିଖରେ ନୂଆ ସରକାର ନିଜର ପ୍ରଥମ ବଜେଟ୍ ବିଧାନସଭାରେ ଉପସ୍ଥାପନ କରିବେ ।

# ରାଜ୍ୟ ଯୋଜନା ବୋର୍ଡ

ରାଜ୍ୟ ସରକାର ଗତକାଲି ରାଜ୍ୟ ଯୋଜନା ବୋର୍ଡକୁ ଭଙ୍ଗ କରିଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି । ଆଗାମୀ ଦିନରେ ବୋର୍ଡର ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ସମେତ ଅନ୍ୟ ସଦସ୍ୟଙ୍କୁ ମନୋନୟନ କରାଯିବ ବୋଲି ଜଣାପଡିଛି ।

# ବ୍ୟକ୍ତିଗତ ସଚିବ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ସଚିବ ଭାବେ ୨୦୧୧ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଅରିନ୍ଦମ ଡାକୁଆଙ୍କୁ ନିଯୁକ୍ତି ଦିଆଯାଇଛି । ସେହିଭଳି ୨୦୧୨ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଅନୁପମ ଶାହାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି । ଶ୍ରୀ ଡାକୁଆ କଟକ ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିବାବେଳେ ଶ୍ରୀ ଶାହା ଜଗତ୍‌ସିଂହପୁର ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଛନ୍ତି ।

# ହାଉସ୍ ସର୍ଜନ କାର୍ଯ୍ୟବନ୍ଦ ଆନ୍ଦୋଳନ ସ୍ଥଗିତ

କଟକ ଏସ୍‌ସିବି ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ନର୍ସିଂ ଅଫିସର ସଂଘ ଓ ହାଉସ୍ ସର୍ଜନ ସଂଘ ବିବାଦ ପ୍ରସଙ୍ଗକୁ ନେଇ ହାଉସ୍ ସର୍ଜନମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି । କଟକ ମହାନଗର ନିଗମ କମିଶନରଙ୍କ ଉଚ୍ଚସ୍ତରୀୟ ବୈଠକ ପରେ ବିବାଦର ସମାଧାନ ହୋଇଥିବା ଜଣାପଡିଛି ।  କମିଶନରଙ୍କ ଅଧ୍ୟକ୍ଷତାରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ ହେବାପରେ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

## ରେଳବିଭାଗ-ନନ୍ହେ ଫରିସ୍ତେ ଅଭିଯାନ

ରେଳବିଭାଗ ପକ୍ଷରୁ ଜାରି ରହିଥିବା 'ନନ୍ହେ ଫରିସ୍ତେ' ଅଭିଯାନରେ ଗତ ୭ ବର୍ଷ ମଧ୍ୟରେ ଦେଶର ବିଭିନ୍ନ ରେଳ ଷ୍ଟେସନରୁ ମୋଟ୍ ୮୪ହଜାର ୧୧୯ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି । ରେଳ ସୁରକ୍ଷା ବଳ ଶିଶୁମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ଠିକଣା ଜାଗାରେ ପହଞ୍ଚାଉଛନ୍ତି । ଠିକଣା ନଥିବା ଶିଶୁମାନଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି । ସୂଚନା ଅନୁସାରେ ୨୦୧୮ ମସିହାରେ ନନ୍ହେ ଫରିସ୍ତେ ଅଭିଯାନର ଆରମ୍ଭ ହୋଇଥିଲା । ଏହି ଯୋଜନାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଦେଶର ୧୩୫ରୁ ଅଧିକ ରେଳ ଷ୍ଟେସନରେ ଶିଶୁ ସହାୟତା ଡେସ୍କ ଖୋଲାଯାଇଛି ।

## ମୋବାଇଲ ଉପଭୋକ୍ତା

ଭାରତୀୟ ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ ଟ୍ରାଇ ପକ୍ଷରୁ ପ୍ରକାଶିତ ଟେଲିକମ ଗ୍ରାହକଙ୍କ ତଥ୍ୟ ଅନୁଯାୟୀ ଗତ ମେ' ମାସରେ ରାଜ୍ୟରେ ୧ଲକ୍ଷ ୫୪ହଜାର ୧୪୧ ନୂଆ ମୋବାଇଲ ଉପଭୋକ୍ତା ଯୋଡ଼ି ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ ମୋଟ୍ ମୋବାଇଲ ଉପଭୋକ୍ତା ସଂଖ୍ୟା ୩କୋଟି ୩୮ଲକ୍ଷ ୭୪ହଜାର ୬୧୬ରେ ପହଞ୍ଚିଛି ।

## ରାଜସ୍ୱମନ୍ତ୍ରୀ-ସମ୍ବଲପୁର

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ୬୬ତମ ପ୍ରତିଷ୍ଠା ଦିବସ ଅବସର ଉପଲକ୍ଷେ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ପକ୍ଷରୁ ସୂଚନା ମିଳିଛି । ଲଘୁଚାପ ପ୍ରଭାବରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଗଜପତି, ଗଞ୍ଜାମ, ରାୟଗଡା, କନ୍ଧମାଳ, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ । ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି ।